# NATIONAL NEWS BULLETIN (ODIA)

## 3 August - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କେରଳ ଭୂସ୍ଖଳନ ଘଟଣାରେ ପୀଡ଼ିତଙ୍କୁ ତ୍ୱରିତ ପ୍ରାପ୍ୟ ପ୍ରଦାନ କରିବାକୁ ବୀମା କମ୍ପାନୀଗୁଡ଼ିକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ।
- ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ପର୍ଯ୍ୟଟନ ଏବଂ ଆତିଥେୟତାର ଅବଦାନ ଗୁରୁତ୍ୱପୂର୍ଣ୍ଣ; କହିଲେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ
- ସୋମାଲିଆ ରାଜଧାନୀ ମୋଗାଦିସୁରେ ଆତ୍ମଘାତୀ ବୋମା ବିସ୍ଫୋରଣ ଏବଂ ଗୁଳିମାଡ଼ରେ ୩୨ ଜଣଙ୍କର ମୃତ୍ୟୁ ।

ଏବଂ

- ସମଗ୍ର ଦେଶରେ ପାଳିତ ହେଉଛି, ଜାତୀୟ ଅଙ୍ଗଦାନ ଦିବସ ।

## ପିଏମ୍-ଏଗ୍ରିକଲ୍‌ଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏକ ଖାଦ୍ୟ ବଳକା ଦେଶ ଏବଂ ବିଶ୍ୱ ଖାଦ୍ୟ ଓ ପୁଷ୍ଟି ସାଧନ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି। ନୂଆଦିଲ୍ଲୀରେ କୃଷି ଅର୍ଥନୀତିଜ୍ଞଙ୍କ ୩୨ତମ ଆନ୍ତର୍ଜାତିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି। ସେ କହିଛନ୍ତି, କୃଷିଜୀବୀଙ୍କ ଜୀବନକୁ ଉନ୍ନୀତ କରିବା ଲକ୍ଷ୍ୟରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶ୍ୱରେ ଭାରତ ମିଲେଟ୍‌ସ, ଦୁଗ୍ଧଜାତ ଦ୍ରବ୍ୟ, ଡାଲି ଏବଂ ମସଲାର ଏକ ଅଗ୍ରଣୀ କେନ୍ଦ୍ର ଭାବେ ମାନ୍ୟତା ଲାଭ କରିଛି। ଶ୍ରୀ ମୋଦୀ କହିଥିଲେ, ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ୧୦ କୋଟି କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏକା ଥରକେ ପାଣ୍ଠି ହସ୍ତାନ୍ତର କରାଯାଇଛି । ଏହି ସମ୍ମିଳନୀରେ ୭୫ଟି ଦେଶର ୧ ହଜାରରୁ ଅଧିକ ପ୍ରତିନିଧି ଅଂଶ ଗ୍ରହଣ କରୁଛନ୍ତି ।

## ଶାହା- ହର ଘର ତ୍ରିରଙ୍ଗା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଆଗେଇ ନେବା ଓ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଚଳିତ ମାସ ୯ ତାରିଖରୁ ୧୫ ତାରିଖ ମଧ୍ୟରେ ନିଜ

ଘରେ ଜାତୀୟ ପତାକା ଉତ୍ତୋଳନ କିମ୍ବା ପ୍ରଦର୍ଶନ କରିବାକୁ ଶ୍ରୀ ଶାହା ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ କହିଛନ୍ତି।  ଜାତୀୟ ପତାକା ସହ ସେଲ୍ଫି ଉଠାଇ ହର୍ ଘର ତ୍ରିରଙ୍ଗା ୱେବସାଇଟ- hargarhtiranga.com ରେ ଅପଲୋଡ୍ କରିବାକୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ହର ଘର ତ୍ରିରଙ୍ଗା' ଅଭିଯାନ ଗତ ଦୁଇ ବର୍ଷ ମଧ୍ୟରେ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି। ଏହା ସମଗ୍ର ଦେଶରେ ଲୋକଙ୍କ ମଧ୍ୟରେ  ଏକତାକୁ ଜାଗ୍ରତ କରୁଛି ବୋଲି ସେ କହିଛନ୍ତି।

## ଗଭ- ଇନ୍ସୁରାନ୍ସ କମ୍ପାନୀ

କେନ୍ଦ୍ର ସରକାର' କେରଳ ଭୂସ୍ଖଳନ ଘଟଣାରେ ପୀଡିତମାନଙ୍କୁ ସମସ୍ତ ପ୍ରାପ୍ୟ ତ୍ୱରିତ ପ୍ରଦାନ କରିବାକୁ  ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ବୀମାଧାରୀଙ୍କୁ ଶୀଘ୍ର ଅର୍ଥରାଶି ପ୍ରଦାନ କରିବାକୁ ଏଲଆଇସିକୁ କୁହାଯାଇଛି।  ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା ଲକ୍ଷ୍ୟରେ ଆବଶ୍ୟକ କାଗଜପତ୍ର ପ୍ରକ୍ରିୟାକୁ ମଧ୍ୟ କୋହଳ କରାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

ବୀମା କଂପାନିଗୁଡ଼ିକ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ବିଶେଷ ଭାବେ କ୍ଷତିଗ୍ରସ୍ତ ୱାୟନାଡ, ପାଲକ୍କଡ଼, କୋଝିକୋଡ଼ ଏବଂ ତ୍ରିସୁର  ଜିଲ୍ଲାରେ ବିଭିନ୍ନ ମାଧ୍ୟମରୁ ବୀମାଧାରୀଙ୍କ ସୂଚନା ହାସଲ କରୁଥିବା

ଜଣାପଡ଼ିଛି । ସୂଚନାଯୋଗ୍ୟ, ଏହି କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ସର୍ବାଧିକ ଦେୟ ଦାବି କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଏକ ପୋର୍ଟାଲ ଆରମ୍ଭ କରାଯିବ, ଯେଉଁଥିରେ ଦୈନନ୍ଦିନ କାର୍ଯ୍ୟ ସମ୍ପର୍କରେ ସୂଚନା ମିଳିବ । ମନ୍ତ୍ରଣାଳୟ କହିଛି, ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ ସହାୟତା କରିବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।

## ଏଚ୍‌ପି- ଫ୍ଲଡ୍

ହିମାଚଳ ପ୍ରଦେଶର ବନ୍ୟା ପ୍ରଭାବିତ ଶିମଲା ଓ ମଣ୍ଡି ଜିଲ୍ଲାରେ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ଭାରତୀୟ ସେନା ନିୟୋଜିତ ହୋଇଛି । ସିମଲାର ସାମେଜ ଗାଁରେ ସେନା ପକ୍ଷରୁ  ଯବାନ, ଇଞ୍ଜିନିୟର ଟାସ୍କ ଫୋର୍ସ ଏବଂ ଡାକ୍ତରୀ ଦଳକୁ ମୁତୟନ କରାଯାଇଛି । ଏମାନେ ରାସ୍ତା ମରାମତି କରିବା ସହ ଫୁଟବ୍ରିଜ୍ ନିର୍ମାଣ ଏବଂ ପ୍ରଭାବିତ ଲୋକଙ୍କୁ ଚିକିତ୍ସା ଯୋଗାଇ ଦେଇଛନ୍ତି । ମଣ୍ଡିର ବାରୋଟ ଗାଁରେ ବାଦଲ ଫଟା ବର୍ଷା ଯୋଗୁଁ ୧୦ ଜଣ ନିଖୋଜ ହେବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲା । ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସେନା ଅଧିକାରୀଙ୍କ ସହ

ଆଲୋଚନା କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିବା ଜଣାପଡ଼ିଛି।

## ଏନ୍‌ଏଚ୍‌ଆର୍‌ସି- ଦିଲ୍ଲୀ

ଦିଲ୍ଲୀ ସରକାରଙ୍କ ଦ୍ୱାରା ପରିଚାଳିତ ସୁଧାର ଗୃହ– ଆଶା କିରଣରେ ଏକ ମାସ ମଧ୍ୟରେ ୧୨ ଜଣଙ୍କର ମୃତ୍ୟୁ ଘଟଣାରେ ଜାତୀୟ ମାନବ ଅଧିକାର ଆୟୋଗ ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ଆୟୋଗ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁଧାର ଗୃହରେ ଅନ୍ତେବାସୀଙ୍କ ମାନବିକ ଅଧିକାର ଉଲ୍ଲଂଘନ ହେଉଥିବା ପ୍ରସଙ୍ଗ ଏହି ଖବରରୁ ଜଣାପଡୁଥିବାରୁ ମାମଲାକୁ ନିଜ ଆଡୁ ଗ୍ରହଣ କରାଯାଇଛି ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୫୦୦ କଏଦୀଙ୍କର ରହିବାର ବ୍ୟବସ୍ଥା ଥିବା ଏହି ସୁଧାର ଗୃହରେ ୧ ହଜାରରୁ ଅଧିକ କଏଦୀ ରହୁଥିବା ଜଣାପଡ଼ିଛି।

## ଶେଖାୱତ–ହସ୍‌ପିଟାଲିଟି ଏକ୍ସପୋ

କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ଭାରତୀୟ ଅର୍ଥନୀତିକୁ ବିଶ୍ୱର ତୃତୀୟ ସ୍ଥାନକୁ ଆଣିବାରେ ପର୍ଯ୍ୟଟନର

ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସପ୍ତମ ଭାରତ ଆନ୍ତର୍ଜାତିକ ଆତିଥେୟତା ଏକ୍ସପୋ-୨୦୨୪ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଶେଖାୱତ କହିଛନ୍ତି, ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ ଉନ୍ନତି ଆଣିବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ । ଗତ ୬ ବର୍ଷ ମଧ୍ୟରେ ଭାରତର ଆତିଥେୟତା ଶିଳ୍ପକୁ ଆଗେଇ ନେବାରେ ଏଭଳି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି, ଭାରତରେ ପର୍ଯ୍ୟଟନର ଅନେକ ସୁଯୋଗ ରହିଛି । କୃଷି ଏବଂ ପର୍ଯ୍ୟଟନ ହେଉଛି, ଦେଶର ଦୁଇଟି ପ୍ରମୁଖ କ୍ଷେତ୍ର । ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ଏହି ଦୁଇ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ସେ ଆଲୋକପାତ କରିଛନ୍ତି । ନୂତନ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତିକରଣ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି । ଏ କ୍ଷେତ୍ରରେ ମନ୍ତ୍ରୀ ଶ୍ରୀ ଶେଖାୱତ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଆଁମାର ରାଷ୍ଟ୍ରଦୂତ ମୋ କ୍ୟୁୟୋ ୟଙ୍ଗ୍‌ଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଛନ୍ତି ।

## ସୋମାଲିଆ-ସୁଟ୍‌ଆଉଟ୍

ସୋମାଲିଆ ରାଜଧାନୀ ମୋଗାଦିସୁରେ ଆତ୍ମଘାତୀ ବୋମା ବିସ୍ଫୋରଣ ଏବଂ ଗୁଳିମାଡ଼ରେ ୩୨ ଜଣଙ୍କର ମୃତ୍ୟୁ ହୋଇଛି । ୬୩ ଜଣ ଆହତ ହୋଇଛନ୍ତି । ସମୁଦ୍ର ଉପକୂଳ ଏକ ହୋଟେଲରେ ଏହି ଘଟଣା

ଘଟିଛି । ଅଲକାଏଦା ଆତଙ୍କବାଦୀ ଗୋଷ୍ଠୀ ସହ ଜଡ଼ିତ ଅଲସବାବ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ପୁଲିସ ଏ ସମ୍ପର୍କରେ ସୂଚନା ଦେଇ କହିଛି, ସୁରକ୍ଷା ବାହିନୀର ପାଲଟା ଗୁଳିମାଡ଼ରେ ୫ ଜଣ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଛି । ହୋଟେଲରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି । ସୋମାଲିଆ ପ୍ରଧାନମନ୍ତ୍ରୀ ହାସନ ଅଲ୍ଲୀ ଖୈରେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମରେ ମୃତାହତଙ୍କ ପାଇଁ ସମବେଦନା ଜ୍ଞାପନ କରିଛନ୍ତି ।

# ଅଲିମ୍ପିକ୍ସ

ଏଥର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ କିଛି ଖବର ।

ଭାରତୀୟ ଖେଳାଳି ଦୀପିକା କୁମାରୀ ମହିଳା ତୀରନ୍ଦାଜ ଏକକ ବର୍ଗରେ କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆର ନାମ୍ ସୁହେୟନଙ୍କଠାରୁ ୪-୬ରେ ପରାସ୍ତ ହୋଇଛନ୍ତି । ସେହିପରି ଅନ୍ୟ ଜଣେ ତୀରନ୍ଦାଜ ଭଜନ କୌର ମଧ୍ୟ ୧୬ତମ ରାଉଣ୍ଡରେ ଇଣ୍ଡୋନେସିଆର ଖେଳାଳିଙ୍କଠାରୁ ୫-୬ ରେ ପରାସ୍ତ ହୋଇଛନ୍ତି । ଏଥିସହ ଏହି ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି ।

ସେହିପରି ୨୫ ମିଟର ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାରତର ମନୁ ଭାକର ହ୍ୟାଟ୍ରିକ୍‌ରୁ କରିବାରୁ ବଞ୍ଚିତ ହେବା ସହିତ  ଦୁଇଟି ବ୍ରୋଞ୍ଜ ପଦକ ସହ ନିଜର ଅଭିଯାନ ଶେଷ କରିଛନ୍ତି। ମନୁ ୨୫ ମିଟର ବନ୍ଧୁକ ଚାଳନାରେ ୪ର୍ଥ ସ୍ଥାନରେ ରହିଛନ୍ତି।

## ଅଙ୍ଗଦାନ

ସମଗ୍ର ଦେଶରେ ଆଜି ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଉଛି। ନୂଆଦିଲ୍ଲୀଠାରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତ୍ୟାରୋପଣ ସଂସ୍ଥା – ନୋଟୋ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମସ୍ତିଷ୍କ ମୃତ ଘୋଷଣା ପରେ ପରିବାର ସଦସ୍ୟଙ୍କ ଅଙ୍ଗଦାନ ନିଷ୍ପତ୍ତିର ଉଚ୍ଚପ୍ରଶଂସା କରିଛନ୍ତି।  ଗତ ୧୦ ବର୍ଷ ମଧ୍ୟରେ ଅଙ୍ଗଦାନ ହାର ୪ ଗୁଣ ବୃଦ୍ଧି ପାଇ ୧୮ ହଜାର ୩୭୮ରେ ପହଁଞ୍ଚିଛି ବୋଲି ସେ କହିଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ଏବଂ ଏ ଦିଗରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ପ୍ରଶଂସା କରିଛନ୍ତି। ଏଥିରେ ଯୋଗଦେଇ ନୀତି ଆୟୋଗ ସଦସ୍ୟ ଡକ୍ଟର ଭି.କେ ପଲ୍ ଅଙ୍ଗଦାନ ସମ୍ପର୍କରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବ ଅପୂର୍ବ ଚନ୍ଦ୍ରାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଚିକିତ୍ସକ ଯୋଗ ଦେଇଥିଲେ ।

## ୟୁଏସ୍ ୱାଇଲ୍ଡ ଫାୟାର

ଆମେରିକାର ଚାରୋଟି ପ୍ରଦେଶ ବୁଟ୍ଟେ, ପ୍ଲୁମାସ, ଶସ୍ତା ଏବଂ ଟେହାମା ବନାଗ୍ନିରେ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ପଶ୍ଚିମାଞ୍ଚଳର ଏହି ପ୍ରଦେଶଗୁଡ଼ିକରେ ବନାଗ୍ନିକୁ ପ୍ରତିହତ କରିବା ଲାଗି ଅଗ୍ନିଶମ ବାହିନୀ ପ୍ରୟାସ ଜାରି ରଖିଛନ୍ତି । ପାଖାପାଖି ୪ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । କୌଣସି ଜୀବନହାନୀର ଖବର ଏ ପର୍ଯ୍ୟନ୍ତ ମିଳିନାହିଁ । ୫୪୨ଟି ଆବାସସ୍ଥଳୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ବନାଗ୍ନିକୁ ପ୍ରତିହତ କରିବା ଲାଗି ୪ ହଜାର କର୍ମଚାରୀ, ୪୧ଟି ହେଲିକପ୍ଟର ଆଦି ନିୟୋଜିତ ହୋଇଛି । ଏହାର ପ୍ରଭାବରେ ୭ ଲକ୍ଷ ୬୮ ହଜାର ୧୩୭ ଏକର ଜମି ପ୍ରଭାବିତ ହୋଇଥିବା ଜଣାପଡ଼ିଛି ।

## ଇଣ୍ଡୋନେସିଆ ଭୂକମ୍ପ

ଇଣ୍ଡୋନେସିଆର ପୂର୍ବକେନ୍ଦ୍ରୀୟ ପ୍ରଦେଶ ପପୁଆଠାରେ ଆଜି ସକାଳେ ୫ ଦଶମିକ ୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ସ୍ଥାନୀୟ ସମୟ ଅପରାହ୍ଣ ୧୨ଟା ୩୨ ମିନିଟ୍‌ରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା । ତେବେ ଏଥିରେ କିଛି କ୍ଷୟକ୍ଷତି ହୋଇଥିବାର ଖବର ଏ

ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ବୋଲି ସେଠାକାର ସରକାରଙ୍କ ପକ୍ଷରୁ ସୂଚନା ମିଳିଛି।

## ଆସାମ-ସେମିକଣ୍ଡକ୍ଟର

ଆସାମର ମୋରିଗାଓଁ ଜିଲ୍ଲାର ଜାଗିର୍ ରୋଡଠାରେ ଟାଟା ଇଲେକ୍ଟ୍ରୋନିକ୍ସ ଏହାର ଚିପ୍ ଉତ୍ପାଦନ ଏବଂ ପରୀକ୍ଷା ୟୁନିଟର ଶିଳାନ୍ୟାସ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ ଟାଟା ସନ୍ସର ଅଧ୍ୟକ୍ଷ ଏନ. ଚନ୍ଦ୍ରଶେଖରନ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି, ଏହି ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପିତ ହେବା ଦ୍ୱାରା ଆସାମ ଏବେ ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ଯନ୍ତ୍ରାଂଶ ତିଆରି କରିବାରେ ସକ୍ଷମ ହୋଇପାରିବ । ଏହି ଅଞ୍ଚଳର ବୈଷୟିକ ଓ ଶିଳ୍ପ ବିକାଶ କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସୁବିଧା ଭାରତର ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ଆଶା କରାଯାଉଛି।

ଟାଟା ସନ୍ସର ଅଧ୍ୟକ୍ଷ ଏନ.ଚନ୍ଦ୍ରଶେଖରନ କହିଛନ୍ତି, ଦେଶର ପ୍ରଥମ ସେମିକଣ୍ଡକ୍ଟର ପ୍ରସ୍ତୁତି ଏବଂ ପରୀକ୍ଷଣ ସୁବିଧା ଯୋଗୁଁ ବୈଦ୍ୟୁତିକ ଯାନ, ମୋବାଇଲ ଫୋନ୍ ଏବଂ ବିଭିନ୍ନ ଚିକିତ୍ସା ଉପକରଣ ପାଇଁ ଦୈନିକ ୪୮ ନିୟୁତ ଚିପ୍ ଉତ୍ପାଦନ କରିବ।